
ଢେଙ୍କାନାଳ ଗାନ୍ଧୀବଜାର ପୂଜା ପ୍ରତିଷ୍ଠାନ।


ଜେନାଦେଇ ବଜାର ପୂଜା ପ୍ରତିଷ୍ଠାନ।


ନେହେରୁ ବଜାର ପୂଜା ପ୍ରତିଷ୍ଠାନ।


ସ୍ୱପ୍ନେଶ୍ୱର ବଜାର ପୂଜା ପ୍ରତିଷ୍ଠାନ, କୋରିଆଁ।

# ଗ୍ରାମୀଣ ସାମଗ୍ରୀ ମୋହରେ ସହରୀ

ଢେଙ୍କାନାଳ ଅଫିସ, ୧୭।୧୦

ଗଣପର୍ବ ଲକ୍ଷ୍ମୀପୂଜା ଉପଲକ୍ଷେ ଢେଙ୍କାନାଳ ମହିଷାପାଟ ପଡ଼ିଆରେ ଅକ୍ଟୋବର ୧୦ରୁ ଆରମ୍ଭ ହୋଇଥିବା ପଲ୍ଲିଶ୍ରୀ ମେଳା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଜିଲା ପ୍ରଶାସନ, ଓର୍‌ମାସ, ପଞ୍ଚାୟତିରାଜ, ପାନୀୟ ଜଳ ବିଭାଗ ଓ ମିଶନଶକ୍ତି ସହାୟତାରେ ଏହାର ଆୟୋଜନ କରାଯାଇଥିଲା। ଚଳିତବର୍ଷ ୩୦୦ ଷ୍ଟଲ୍, ସ୍ୱତନ୍ତ୍ର ଭାବେ ୧୦ ଖାଦ୍ୟ ଷ୍ଟଲ୍ ଖୋଲିଥିବାବେଳେ ଏସ୍‌ଏଚ୍‌ଜି ଓ ବିଭିନ୍ନ ଅନୁଷ୍ଠାନକୁ ମିଶାଇ ମୋଟ ୩୩୪ ଜଣ ମେଳାରେ ସେମାନଙ୍କ ଉତ୍ପାଦ ଓ ଖଦ୍ୟସାମଗ୍ରୀର ବିପଣନ କରିଥିଲେ। ପାଗ ଅନୁକୂଳ ଥିବାରୁ ଭଲ ବ୍ୟବସାୟ କରିଛନ୍ତି କାରିଗର।

କରୋନା ପାଇଁ ଦୁଇବର୍ଷ ହେଲା ଆୟୋଜନ ହୋଇପାରି ନ ଥିଲା ପଲ୍ଲିଶ୍ରୀ ମେଳା। ଏ ବର୍ଷ କଟକଣା ନ ଥିବାରୁ ରାଜ୍ୟ ତଥା ରାଜ୍ୟ ବାହାର ହସ୍ତଶିଳ୍ପ କାରିଗର, ଏସ୍‌ଏଚ୍‌ଜି ସଦସ୍ୟ ମେଳାରେ ସାମିଲ ହେବାକୁ ଦେଖାଇଥିଲେ ଆଗ୍ରହ। ପଞ୍ଜାବ, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ନୂଆଦିଲ୍ଲୀ, ଜମ୍ମୁକଶ୍ମୀର, ବିହାର, ଝାଡ଼ଖଣ୍ଡ, ରାଜସ୍ଥାନ ସମେତ ଓଡ଼ିଶାର ୩୦ ଜିଲାର ପ୍ରସିଦ୍ଧ ସାମଗ୍ରୀ ସବୁ ପ୍ରଦର୍ଶିତ ହୋଇଥିଲା। ପଶ୍ଚିମବଙ୍ଗର, ଜମ୍ମୁକଶ୍ମୀର, ରାଜସ୍ଥାନର ହ୍ୟାଣ୍ଡଲୁମ୍, ଉତ୍ତରପ୍ରଦେଶର କାର୍ପେଟ ଷ୍ଟଲ୍‌ରେ ଅସମ୍ଭାଳ ଭିଡ଼ ହୋଇଥିଲା। ସେହିପରି ଅନୁଗୋଳ ଜିଲାର ଏସ୍‌ଏଚ୍‌ଜି ଦ୍ୱାରା ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ, ସସ୍, ମୟୂରଭଞ୍ଜର ସବାଇ ଘାସରୁ ପ୍ରସ୍ତୁତ ଗାଲିଚା, ନିମତେଲ, ଜଡ଼ାତେଲ, ମୟୂରଭଞ୍ଜ, ସୋନପୁର, ନବରଙ୍ଗପୁରର ଟେରାକୋଟା ସାମଗ୍ରୀ, କଟକର ବେଡ୍‌ସିଟ, କେନ୍ଦୁଝରର ଫୁଲବଡ଼ି, ସୋନପୁର, ବୌଦ୍ଧର ପୋଷାକପତ୍ର, ଢେଙ୍କାନାଳର ଡୋକ୍ରା ହସ୍ତଶିଳ୍ପ, ନଡ଼ା ତିଆରି ସାମଗ୍ରୀ, ସମ୍ବଲପୁରୀ ବସ୍ତ୍ର, କନ୍ଧମାଳ ହଳଦୀ, ଢେଙ୍କାନାଳ, ଅନୁଗୋଳ, ନୟାଗଡ଼, ଗଜପତିର ପାମ୍ପଡ଼, ବ୍ରହ୍ମପୁରର ଆଚାର କିଣିବା ଲାଗି ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଥିଲା। ରାଜସ୍ଥାନର ପାରମ୍ପରିକ ଖାଦ୍ୟ, ଢେଙ୍କାନାଳ ପ୍ରସିଦ୍ଧ ବରା, ଭୁବନେଶ୍ୱର ଓ ଯାଜପୁରରୁ ଆସିଥିବା କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ସୁସ୍ୱାଦୁ ଫାଷ୍ଟଫୁଡ୍‌ର ମଜା ନେଇଥିଲେ ଲୋକେ। ଏଥିସହ ସରକାରଙ୍କ ବିଭିନ୍ନ ବିଭାଗର ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା।



- ଏସ୍‌ଏଚ୍‌ଜି ସଦସ୍ୟଙ୍କୁ ସ୍ୱାବଲମ୍ବୀ କରିଛି ପଲ୍ଲିଶ୍ରୀ ମେଳା
- ପାରମ୍ପରିକ ହସ୍ତତନ୍ତ, ଖାଦ୍ୟଦ୍ରବ୍ୟର ଆଦର ବଢ଼ୁଛି

**ଶାଢ଼ିରୁ ବଡି ନଡ଼ା ସାମଗ୍ରୀରୁ ଜଡ଼ା। ନିମ ତେଲ, କାନ୍ଦୁଲ, ମାଣ୍ଡିଆ, ଆଚାରଠାରୁ ଆରମ୍ଭ କରି ହସ୍ତତନ୍ତର ସମ୍ଭାର। ସବୁକିଛି ମିଳୁଛି ଗୋଟିଏ ଜାଗାରେ। ଦର ବି ସେତେ ଅଧିକ ନୁହେଁ। ଢେଙ୍କାନାଳ ଲକ୍ଷ୍ମୀପୂଜା ଉପଲକ୍ଷେ ଆୟୋଜିତ ପଲ୍ଲିଶ୍ରୀ ମେଳା ଗ୍ରାମୀଣ ସାମଗ୍ରୀର ବିପଣନ ପାଇଁ ଆଣିଦେଇଛି ଏଭଳି ସୁଯୋଗ। ହାତ ପାଆନ୍ତାରେ ମନପସନ୍ଦର ସାମଗ୍ରୀ ମିଳୁଥିବାରୁ ଏହାର ମୋହରେ ପଡ଼ିଛନ୍ତି ସହରୀ ମଣିଷ। ଏଭଳି ମେଳା ଗ୍ରାମାଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)କୁ ସ୍ୱାବଲମ୍ବୀ କରିଥିବାବେଳେ ଗ୍ରାମୀଣ ମହିଳା ହୋଇପାରିଛନ୍ତି ସଶକ୍ତ।**

### ୯ ରାଜ୍ୟର କାରିଗର ଆସିଛନ୍ତି



ପଲ୍ଲିଶ୍ରୀ ମେଳାରେ ୩୦୦ ଷ୍ଟଲ୍ ହୋଇଥିଲା। ୯ ରାଜ୍ୟର ହସ୍ତଶିଳ୍ପ କାରିଗର ମେଳାକୁ ଆସି ବ୍ୟବସାୟ କରିଛନ୍ତି। ଓଡ଼ିଶାର ୩୦ ଜିଲାର ଏସ୍‌ଏଚ୍‌ଜି ମଧ ଆସିଛନ୍ତି। ଖାଦ୍ୟଷ୍ଟଲ୍‌ରେ ପ୍ରବଳ ଭିଡ଼ ହେଉଛି। ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ଆୟୋଜିତ ହେଉଛି।

-ସରୋଜ କୁମାର ସେଠୀ, ଜିଲାପାଳ, ଢେଙ୍କାନାଳ

### ଦେଢ଼ କୋଟି ଟପିବ ବ୍ୟବସାୟ

ପଲ୍ଲିଶ୍ରୀ ମେଳାରେ ୧୬ ତାରିଖ ରାତି ସୁଦ୍ଧା ୧ କୋଟି ୪୧ ଲକ୍ଷ ୭୮ ହଜାର ୨୬୦ ଟଙ୍କାର ବ୍ୟବସାୟ ହୋଇଛି। ସୋମବାର ଅନ୍ତିମ ଦିନର କାରବାର ହିସାବକୁ ନେଲେ ଚଳିତବର୍ଷ ମୋଟ ବ୍ୟବସାୟ ଦେଢ଼ କୋଟି ଟଙ୍କା ଟପିବ ବୋଲି ଅନୁମାନ କରାଯାଉଛି।

### ୧୨ ବର୍ଷ ହେଲା ଆସୁଛୁ



ଢେଙ୍କାନାଳ ଲକ୍ଷ୍ମୀପୂଜାରେ ଆୟୋଜିତ ପଲ୍ଲିଶ୍ରୀ ମେଳାକୁ ୧୨ ବର୍ଷ ହେଲା ଆସୁଛୁ। ଚଳିତବର୍ଷ ହାତ ତିଆରି ତ୍ରିଫଳା ଜୁସ, ଜାମୁକୋଳି ମଞ୍ଜି ଗୁଣ୍ଡ, ନିମ ତେଲ ଭଲ ବ୍ୟବସାୟ ହୋଇଛି। ସ୍ୱୟଂ ସହାୟକ ଗୋଷ୍ଠୀର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ଅବଦାନ ବେଶି।

-ସୁଷମା ବେହେରା, ତନୟା ଏସ୍‌ଏଚଜି, କପ୍ତିପଦା ବ୍ଲକ, ମୟୂରଭଞ୍ଜ

### ଚଳିତ ବର୍ଷ ଭଲ ବ୍ୟବସାୟ ହୋଇଛି



ଢେଙ୍କାନାଳ ପଲ୍ଲିଶ୍ରୀ ମେଳାକୁ ୪ଥର ହେଲା ଆସୁଛୁ। କରୋନା ପାଇଁ ଦୁଇବର୍ଷ ହେଲା ସାମଗ୍ରୀ ବିକ୍ରି କରିପାରି ନ ଥିଲୁ। ଏ ବର୍ଷ ଆଚାର, ବଡ଼ି, ଆମ୍ବୁଲ ସବୁ ବିକ୍ରି ହୋଇଯାଇଛି। ସରକାର ଅଧିକ ସାମଗ୍ରୀ ପ୍ରସ୍ତୁତ ପାଇଁ ଋଣ ସହାୟତା ବ୍ୟବସ୍ଥା କଲେ ଭଲ ହୁଅନ୍ତା।

-କଲ୍ୟାଣୀ ସାହୁ, ଜୟ ମା' ଦୁର୍ଗା ଏସ୍‌ଏଚଜି, ଘସିପୁରା, କେନ୍ଦୁଝର

### ରାଜସ୍ଥାନୀ ଖାଦ୍ୟକୁ ଲୋକେ ପସନ୍ଦ କରୁଛନ୍ତି



ମେଳାରେ ପାରମ୍ପରିକ ରାଜସ୍ଥାନୀ ଖାଦ୍ୟକୁ ଲୋକେ ଅଧିକ ପସନ୍ଦ କରୁଛନ୍ତି। ସ୍ପେଶାଲ ଦହିବରା, ବଟର ପାଓଭାଜି, ପାମ୍ପଡ଼ି ଚାଟ, ମୁଗଲାଇ ପକୋଡ଼ି, ମିରିଚି ବରା, ପିଆଜ କଚୋଡ଼ି, ବିକାନୀର ଜଲେବି ଖାଇବା ପାଇଁ ଭିଡ଼ ଜମୁଛି।

-ରଘୁବୀର, ଆପନୋ ଖାଦ୍ୟଷ୍ଟଲ, ରାଜସ୍ଥାନ

### ଭଲ ବ୍ୟବସାୟ ହୋଇଥିବାରୁ ଖୁସି ଲାଗୁଛି



୨ବର୍ଷ ପରେ ପଲ୍ଲିଶ୍ରୀ ମେଳାକୁ ସାମଗ୍ରୀ ନେଇ ଆସିଛୁ। ମାଣ୍ଡିଆ, ହଳଦୀ, ଛତୁଆ, ଡାଲି ବ୍ୟବସାୟ ଭଲ ହୋଇଥିବାରୁ ଖୁସି ଲାଗୁଛି। ବର୍ଷକୁ ଦୁଇଥର ପଲ୍ଲିଶ୍ରୀ ମେଳାର ଆୟୋଜନ କରାଗଲେ ଉତ୍ପାଦକ ଗୋଷ୍ଠୀ ଲାଭବାନ ହୋଇପାରନ୍ତେ।

-ବନିତା ସାମଲ, ସୁଷମା ଗୃହ ସାମଗ୍ରୀ ଉତ୍ପାଦକ ଗୋଷ୍ଠୀ, ଢେଙ୍କାନାଳ

### ଢେଙ୍କାନାଳ ଲୋକ ନିଜର ଲାଗନ୍ତି



ରାଜ୍ୟର ବିଭିନ୍ନ ସ୍ଥାନରେ ହେଉଥିବା ପଲ୍ଲିଶ୍ରୀ ମେଳାକୁ ବ୍ୟବସାୟ ପାଇଁ ଯାଉଛୁ। କିନ୍ତୁ ଢେଙ୍କାନାଳର ଲୋକେ ନିଜର ଭଳି ଲାଗନ୍ତି। କୋରାପୁଟର ଝୁଣା, ତେଜପତ୍ର, ଡାଳଚିନି, ମାଣ୍ଡିଆ ସମେତ ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟର ଭଲ ବ୍ୟବସାୟ ହୋଇଛି।

-ୱାନିଶ ବର୍ଦ୍ଧନ, ଶାନ୍ତିଦାତା ଏସ୍‌ଏଚ୍‌ଜି, ଗଜପତି

## ସଂକ୍ଷେପରେ

### ହାତୀମୃତ୍ୟୁର ତଦନ୍ତ କଲେ ଆର୍‌ସିସିଏଫ୍

**ଢେଙ୍କାନାଳ ଅଫିସ, ୧୭।୧୦:** ଢେଙ୍କାନାଳ ସଦର ଥାନା ଗୋବିନ୍ଦପୁର ଫାଣ୍ଡି ମହୁଲପଡ଼ା ନିକଟରୁ ରବିବାର ଆନୁମାନିକ ୨୦ ବର୍ଷ ବୟସର ଏକ ଦନ୍ତାହାତୀର ଗଳିତ ମୃତଦେହ ଜବତ କରାଯାଇଥିଲା। ତେବେ ସନ୍ଦେହଜନକ ଭାବେ ହାତୀର ଗୋଟିଏ ଦାନ୍ତ ଗାଏବ ଥିଲା। ଏହି ଘଟଣାକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇବା ପରେ ସୋମବାର ଅନୁଗୋଳ ଆର୍‌ସିସିଏଫ୍ ଏମ୍. ଯୋଗୟାନନ୍ଦ ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ କରିଛନ୍ତି। ଡିଏଫ୍‌ଓ ପ୍ରକାଶ ଚାନ୍ଦ ଗୋଗିନେନି ଉପସ୍ଥିତ ଥିଲେ। ଦୁଇ ଦନ୍ତା ମଧରେ ସଂଘର୍ଷରୁ ହାତୀଟିର ମୃତ୍ୟୁ ଘଟିଥିବା ଡିଏଫ୍‌ଓ କହିଛନ୍ତି।

### ପୋଖରୀରେ ବୁଡ଼ି ଶିଶୁ ମୃତ

**ଭୁବନ, ୧୭।୧୦(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ଭୁବନ ଥାନା ସୁରପ୍ରତାପପୁର ଫାଣ୍ଡି ନିକଟ ଟିପିଲେଇ ଗ୍ରାମର ରମାକାନ୍ତ ନାଏକଙ୍କ ସାନପୁଅ ରିଷିକେଶ (୬)ଙ୍କ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ବଡ଼ଭାଇ ଏବଂ ସାଙ୍ଗଙ୍କ ସହ ମିଶି ଘର ନିକଟ ସାପ୍ତାହିକ ହାଟରେ ରିଷି ଖେଳୁଥିଲେ। ଏହି ସମୟରେ ସେ ପୋଖରୀରୁ ଖସି ପଡ଼ିଥିବା ଅନୁମାନ କରାଯାଉଛି। ରିଷିଙ୍କ ବଡ଼ଭାଇ ଘରକୁ ଫେରି ଖୋଜାଖୋଜି କରିଥିଲେ। କୌଣସି ସନ୍ଧାନ ନ ମିଳିବାରୁ ପୋଖରୀରେ ବୁଡ଼ି ଯାଇଥିବା ସନ୍ଦେହ କରି ଦମକଳ ବାହିନୀକୁ ଫୋନ୍ କରିଥିଲେ। ତେବେ ଅଗ୍ନିଶମ ବିଭାଗ ପକ୍ଷରୁ ସହଯୋଗ ମିଳି ନ ଥିଲା। ଗ୍ରାମବାସୀ ପୋଖରୀରେ ଖୋଜାଖୋଜି କରି ରିଷିଙ୍କ ମୃତଦେହ ଠାବ କରିଥିଲେ। ଫାଣ୍ଡି ଅଧିକାରୀ ଅଶୋକ କୁମାର ତ୍ରିପାଠୀଙ୍କ ନିକଟରେ ଲିଖିତ ଅଭିଯୋଗ କରାଯିବା ପରେ ଭୁବନ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ପୋଲିସ କହିଛି। ଅନ୍ୟପଟେ ଏଭଳି ସମ୍ବେଦନଶୀଳ ଘଟଣାରେ ଦମକଳ ବାହିନୀର ଅସହଯୋଗକୁ ନେଇ ଅଞ୍ଚଳବାସୀଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି।

# ଗୌରବ ବଢ଼ାଇଛନ୍ତି କଳାକାର

ଢେଙ୍କାନାଳ ଅଫିସ, ୧୭।୧୦

ଢେଙ୍କାନାଳ ସହରସ୍ଥିତ ମହିଷାପାଟ ପଲ୍ଲିଶ୍ରୀ ମେଳା ପଡ଼ିଆରେ ୩ଦିନ ଧରି ଚାଲିଥିବା ୫ମ ଜିଲା ଲୋକକଳା ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ କୁମାର ମହାପାତ୍ର କହିଲେ, ଢେଙ୍କାନାଳର ଲୋକକଳା ପ୍ରାଚୀନ ଓ ସମୃଦ୍ଧ। ଲୋକକଳା କଳାକାରମାନେ ଜିଲାର ଗୌରବ ବୃଦ୍ଧି କରିଛନ୍ତି ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ସୁଧୀର କୁମାର ନାୟକ, କାମାକ୍ଷାନଗର ବିଡିଓ ବିକାଶ କୁମାର ମହାନ୍ତି, ଓଡ଼ାପଡ଼ା ବିଡିଓ ମନ୍ମଥ ନାୟକ, ପରଜଙ୍ଗ ବିଡିଓ ସଂଗ୍ରାମ କେଶରୀ ବଳ, ଗଁଦିଆ ବିଡିଓ ଆଶିଷ ରଞ୍ଜନ ସାହୁ, ଢେଙ୍କାନାଳ ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ, ଓର୍‌ମାସର ଉପମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୌରଭମୟ ଦାସ ପ୍ରମୁଖ ଯୋଗଦେଇ ଲୋକକଳାର ଗୌରବମୟ ଅଧ୍ୟାୟ ସମ୍ପର୍କରେ ଆଲୋକପାତ କରିଥିଲେ।

ରାଜ୍ୟ କଳା ଓ ସଂସ୍କୃତି ସଂଘ ଉପସଭାପତି ଅବନୀ କୁମାର ମିଶ୍ର ଅଧକ୍ଷତା କରି କହିଲେ, ଜିଲାର କଳାକାରମାନେ ନିଷ୍ଠାର ସହିତ ଲୋକକଳା ପରିବେଷଣ କରି ଜିଲା ପାଇଁ ସୁନାମ ଆଣିଛନ୍ତି। ଏହି ଧାରା ଜାରି ରଖିବାକୁ ସେ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମକୁ ସୁଶାନ୍ତ ପାଣି ସଂଯୋଜନା କରିଥିବାବେଳେ କାମାକ୍ଷାନଗର ବ୍ଲକ କଳା ସଂସ୍କୃତି ସଂଘର ବିଭୂତି ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।


ଲୋକକଳା ମହୋତ୍ସବ ଉଦ୍‌ଯାପନୀ ଦିବସରେ ଅତିଥିମାନେ।

**୫ମ ଲୋକକଳା ମହୋତ୍ସବ ଉଦ୍‌ଯାପିତ**

# ଢେଙ୍କାନାଳରେ ସ୍ପେନ୍, ଗୁଏଟ୍‌ମାଲା ଆମ୍ବାସାଡର

ଢେଙ୍କାନାଳ ଅଫିସ, ୧୭।୧୦

ସ୍ପେନରେ ଅବସ୍ଥାପିତ ଭାରତୀୟ ଆମ୍ବାସାଡର ଦୀନେଶ କୁମାର ପଟ୍ଟନାୟକ ଏବଂ ଗୁଏଟମାଲା ପାଇଁ ନିଯୁକ୍ତ ଆମ୍ବାସାଡର ମନୋଜ କୁମାର ମହାପାତ୍ର ସୋମବାର ଢେଙ୍କାନାଳ ପରିଦର୍ଶନରେ ଆସିଥିଲେ। ଉଭୟେ ବିଭିନ୍ନ କାର୍ଯ୍ୟକ୍ରମ ବୁଲି ଦେଖିଥିଲେ।

ଦୁଇ ଆମ୍ବାସାଡର ପ୍ରଥମେ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ୫-ଟି ଅନ୍ତର୍ଗତ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ ହୋଇଥିଲେ। ଏହାପରେ ଶିକ୍ଷାନୁଷ୍ଠାନର ଇ-ଲାଇବ୍ରେରି, ସ୍ମାର୍ଟ କ୍ଲାସ୍ ଓ ବନବିଦ୍ୟାଳୟ ପରିଦର୍ଶନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବ୍ରହ୍ମୋତ୍ରୀ ବିଶ୍ୱାଳଙ୍କ ସହ ସ୍କୁଲ ପରିଚାଳନା ସମ୍ପର୍କିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଜିଲାପାଳ ସରୋଜ କୁମାର ସେଠୀ ସେମାନଙ୍କୁ ସମ୍ୟକ୍ ସୂଚନା ଦେଇଥିଲେ। ଏହି ଅବସରରେ ଉଭୟେ ମହିଷାପାଟସ୍ଥିତ କାଜୁ ପ୍ରୋସେସିଂ ୟୁନିଟ, ସଦେଇବେରେଣୀସ୍ଥିତ କଳାକୃତି ଗ୍ରାମ ବୁଲି ଦେଖିଥିଲେ। ଜିଲା ପ୍ରଶାସନ ଓ ସ୍ୱୟଂ ସହାୟକ ଗୋଷ୍ଠୀର ଉଦ୍ୟମରେ ଢେଙ୍କାନାଳ ରାଜ୍ୟରେ ଅଗ୍ରଣୀ ଜିଲା ଭାବେ ପରିଗଣିତ ହୋଇପାରିବ ବୋଲି ମତ ଦେଇଥିଲେ। ଅଧିକାରୀଙ୍କ ପରିଦର୍ଶନ ବେଳେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତନ୍ମୟ କୁମାର ଦରୱାନ, ସଦର ବିଡିଓ ସୁଧୀର କୁମାର ନାୟକ, ପରିସଂଖ୍ୟାନ ବିଭାଗ ଉପନିର୍ଦ୍ଦେଶକ ସରୋଜ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।


ବି.ବି. ହାଇସ୍କୁଲ ଇ-ଲାଇବ୍ରେରିରେ ଦୁଇ ଆମ୍ବାସାଡର, ଜିଲାପାଳ ଓ ଅନ୍ୟମାନେ।

# 'ଭଲ ମଣିଷ ହେଲେ ଜନ୍ମ ସଫଳ ହେବ'





ଢେଙ୍କାନାଳ ଅଫିସ, ୧୭।୧୦

ଢେଙ୍କାନାଳ ଲକ୍ଷ୍ମୀବଜାର ପୂଜା ପ୍ରତିଷ୍ଠାନର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ପ୍ଲାଟିନମ୍ ଜୁବିଲି ସମାରୋହ ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ଏମ୍‌ପି ତଥା ଖ୍ୟାତନାମା ଓଲିଉଡ୍ ତାରକା ଅନୁଭବ ମହାନ୍ତି ଯୋଗଦେଇ କହିଲେ, ମା'ବାପା ହେଉଛନ୍ତି ପ୍ରଥମ ଭଗବାନ। ସେମାନଙ୍କୁ ଖୁସିରେ ରଖିଲେ ଜୀବନରେ ସଫଳତା ହାସଲ କରିପାରିବେ। ଭଲ ମଣିଷ ହେଲେ ଜନ୍ମ ସଫଳ ହେବ। ତେଣୁ ସବୁବେଳେ ଭଲ ମଣିଷ ଭାବେ କାର୍ଯ୍ୟ କରିବା ଉଚିତ ବୋଲି ସେ ମତବ୍ୟକ୍ତ କରିଥିଲେ।

ମୁଖ୍ୟବକ୍ତା ଭାବେ ପୌରାଧକ୍ଷା ଜୟନ୍ତୀ ପାତ୍ର, ସମ୍ମାନିତ ଅତିଥି ପୌର ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ, ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଲଳିତେନ୍ଦୁ ମିଶ୍ର ପ୍ରମୁଖ ଯୋଗଦେଇ କହିଲେ, ଢେଙ୍କାନାଳ ସଂସ୍କୃତିର ମାଟି। ଏଠାରେ ଆୟୋଜିତ ଲକ୍ଷ୍ମୀପୂଜା ପରମ୍ପରା ପ୍ରାଚୀନ। ଅନୁଷ୍ଠାନର ସଭାପତି ଜଗଦୀଶ ପ୍ରସାଦ ଅଗ୍ରୱାଲଙ୍କ ସଭାପତିତ୍ୱରେ କାର୍ଯ୍ୟକାରୀ ସଭାପତି ପ୍ରଭାକର ବେହେରା, ସାଧାରଣ ସମ୍ପାଦକ ରବିନାରାୟଣ ବେହେରା, ସମ୍ପାଦକ ମାୟାଧର ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବହୁ ବିଶିଷ୍ଟ ବ୍ୟକ୍ତି, ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସତ୍ୟନାରାୟଣ କର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ସଂଯୋଜକ ପଦ୍ମଭୂଷଣ ସାହୁ ଧନ୍ୟବାଦ ଦେଇଥିଲେ। ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ୍ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

**ଲକ୍ଷ୍ମୀବଜାର ପ୍ଲାଟିନମ୍ ଜୁବିଲି ଉଦ୍‌ଯାପିତ**

## ମହିଳାଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା, ୧୭।୧୦(ଡି.ଏନ୍.ଏ.): କିଶୋରନଗର ଥାନା ବୃନ୍ଦାବନପୁର ଗ୍ରାମର ଲକ୍ଷ୍ମୀ ବେହେରାଙ୍କୁ ବସନ୍ତ ପ୍ରଧାନ ନାମକ ଜଣେ ବ୍ୟକ୍ତି ମାଡ଼ ମାରିଥିବା ରବିବାର ପୋଲିସ ନିକଟରେ ଅଭିଯୋଗ ହୋଇଛି। ଏ ନେଇ ନଂ.୧୮୨/୨୨ରେ ଏକ ମାମଲା ରୁଜୁ କରାଯାଇଛି। ଫସଲ ନଷ୍ଟକୁ କେନ୍ଦ୍ରକରି ଲକ୍ଷ୍ମୀଙ୍କ ଉପରେ ଆକ୍ରମଣ ହୋଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

# ନିଯୁକ୍ତି ଦାବି କଲେ ଛଟେଇ ଶ୍ରମିକ

ତାଳଚେର, ୧୭।୧୦(ନି.ପ୍ର.)


ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଛଟେଇ ଶ୍ରମିକମାନେ।

ଏନ୍‌ଟିପିସି ପରିଚାଳନାଧୀନ ତାଳଚେର ଥର୍ମାଲର ପୁରୁଣା ପ୍ଲାଣ୍ଟରେ କାର୍ଯ୍ୟରତ ତାଳଚେର ପୌରାଞ୍ଚଳର ଶ୍ରମିକଙ୍କୁ ଛଟେଇ କରାଯାଇଥିଲା। ସମ୍ପୃକ୍ତ ଶ୍ରମିକମାନେ ପୁନଃନିଯୁକ୍ତି ଦାବି କରିଛନ୍ତି। ଏ ନେଇ ସୋମବାର ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ, ପୁରୁଣା ପ୍ଲାଣ୍ଟ ବନ୍ଦ ହୋଇଯିବା ପରେ ସମ୍ପୃକ୍ତ ଶ୍ରମିକଙ୍କୁ କମ୍ପାନୀ କର୍ତ୍ତୃପକ୍ଷ ଛଟେଇ କରିଥିଲେ। ଏହା ପରେ ସେମାନେ ଥର୍ମାଲ ଏକତା ମଞ୍ଚ ଜରିଆରେ ନିଯୁକ୍ତି ପାଇଁ ଆନ୍ଦୋଳନରେ ସାମିଲ ହୋଇଥିଲେ। ପ୍ରଶାସନର ହସ୍ତକ୍ଷେପ ପରେ ଏନ୍‌ଟିପିସି/ଟିଟିପିଏସ୍‌ର ପୁରୁଣା ପ୍ଲାଣ୍ଟରେ କାର୍ଯ୍ୟରତ ସମସ୍ତଙ୍କୁ ନିଯୁକ୍ତି ମିଳିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ନିକଟରେ ତାଳଚେର ଥର୍ମାଲର ନୂତନ ପ୍ଲାଣ୍ଟ ସମ୍ପ୍ରସାରଣ ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ଏହାପରେ ଛଟେଇ କର୍ମଚାରୀଙ୍କ ମନରେ ପୁନଃନିଯୁକ୍ତି ମିଳିବା ନେଇ ଆଶା ସଞ୍ଚାର ହୋଇଥିଲା। କିନ୍ତୁ ପ୍ରଶାସନିକ ନିଷ୍ପତ୍ତିକୁ ଅବମାନନା କରି ଏନ୍‌ଟିପିସି/ଟିଟିପିଏସ୍‌ର ଏଚ୍‌ଆର କର୍ତ୍ତୃପକ୍ଷ ତାଳଚେର ପୌରାଞ୍ଚଳର ଠିକା ଶ୍ରମିକଙ୍କୁ ବାଦ୍ ଦେଇ ପ୍ଲାଣ୍ଟ ସଂଲଗ୍ନ ଅନ୍ୟ ୪ ପଞ୍ଚାୟତର ୪୪୮ ଶ୍ରମିକଙ୍କୁ ନିଯୁକ୍ତି ଦେବାକୁ ତାଲିକା ପ୍ରସ୍ତୁତ କରିଛନ୍ତି। ଏହା ଜଣାପଡ଼ିବା ପରେ ଛଟେଇର ଶିକାର ହୋଇଥିବା ପୌରାଞ୍ଚଳର ଠିକା ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହୋଇଛି।

# ୬ମାସ ହେଲା ମିଳିନାହିଁ ଭତ୍ତା



ହିନ୍ଦୋଳ, ୧୭।୧୦(ଡି.ଏନ୍.ଏ.)

ହିନ୍ଦୋଳ ବ୍ଲକ କନ୍ତାମିଲା ପଞ୍ଚାୟତର ୬ ହିତାଧିକାରୀ ୬ମାସ ହେଲା ବାର୍ଦ୍ଧକ୍ୟ ଭତ୍ତା ପାଇ ନ ଥିବା ଜନଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି। ବେଣୁଧର ବିଶ୍ୱାଳ, ଯମୁନା ସାହୁ, ସୀତା ସାହୁ, ଗୋହିରାପଶି ଗ୍ରାମର ସୁଷମା ଦାସ, ପୁରନ୍ଦର ସାହୁ, ଧୋବଣୀନନ୍ଦର ଗ୍ରାମର ବହୁ ହିତାଧିକାରୀ ମେ' ମାସରୁ ଭତ୍ତା ପାଇ ନ ଥିବା କହିଛନ୍ତି। ସମ୍ପୃକ୍ତ ବୟସ୍କମାନେ ବହୁ କଷ୍ଟରେ ଗୁଜୁରାଣ ମେଣ୍ଟାଉଛନ୍ତି। ଏ ନେଇ ପଞ୍ଚାୟତ ପ୍ରଶାସନ ନିକଟରେ ଅଭିଯୋଗ କଲେ ଦାୟିତ୍ୱରେ ଥିବା ଅଧିକାରୀ ସେମାନଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ସେମାନେ ନିବେଦନ କରିଛନ୍ତି।

## ସଂକ୍ଷେପରେ

### ଜନ ଶୁଣାଣି ଶିବିରରେ ଅବ୍ୟବସ୍ଥା

ହିନ୍ଦୋଳ, ୧୭।୧୦(ଡି.ଏନ୍.ଏ.)-ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ଜିଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣିରେ ବ୍ୟାପକ ଅବ୍ୟବସ୍ଥା ନଜରକୁ ଆସିଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ ଉପସ୍ଥିତ ଥିଲେ। ତେବେ ପଞ୍ଜୀକରଣ ଦାୟିତ୍ୱରେ ଥିବା କେତେଜଣ କିରାଣି ବିନା ପଞ୍ଜୀକରଣରେ ଅଭିଯୋଗ ନେଇ ଆସିଥିବା ହିତାଧିକାରୀଙ୍କୁ ଫେରାଇ ଦେଇଥିଲେ। ଏହାକୁ ନେଇ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ଖବରଦାତା ଏବଂ ଆଇନଜୀବୀ ଏଥିରେ ହସ୍ତକ୍ଷେପ କରିବା ପରେ ଫେରି ଯାଉଥିବା ହିତାଧିକାରୀଙ୍କ ପଞ୍ଜୀକରଣ କରାଯାଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ୬ ମାସ ଧରି ଭତ୍ତା ଟଙ୍କାରୁ ବଞ୍ଚିତ ବହୁ ବ୍ୟକ୍ତି ଦୂରଦୂରାନ୍ତରୁ ଆସିଥିବା ବେଳେ ପଞ୍ଜୀକୃତ ଦାୟିତ୍ୱରେ ଥିବା କିରାଣି ବାହୁଡ଼ାଇ ଦେଇଥିବା ଅଭିଯୋଗ ହୋଇଛି। ଏପରି କି ଆବାସ ଯୋଜନା ସମ୍ପର୍କିତ ଅଭିଯୋଗ ଗ୍ରହଣ କରିବାକୁ ଜିଲାପାଳ ମନା କରିଥିବା ସେମାନେ କହିଥିଲେ, ଯାହା ସମ୍ପୃକ୍ତ ଆଶାୟୀଙ୍କୁ ନିରାଶ କରିଥିଲା।

### ମୀନକେତନ ହତ୍ୟାକାଣ୍ଡ: ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା

କାମାକ୍ଷାନଗର, ୧୭।୧୦(ଡି.ଏନ.ଏ)-ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ରେଙ୍ଗାଳି ବାମ କେନାଲ କଙ୍କଣା ଗ୍ରାମ ନିକଟରେ ରବିବାର ଟାଟା ମାଇନ୍ସରେ କାର୍ଯ୍ୟରତ କାନପୁରା ଗ୍ରାମର ମୀନକେତନ ଦଳେଇଙ୍କ କ୍ଷତାକ୍ତ ମୃତଦେହକୁ ପୋଲିସ ଜବତ କରିଥିଲା। କେହି ଦୁର୍ବୃତ୍ତ ଗୁଳି କରି ସ୍ୱାମୀଙ୍କୁ ହତ୍ୟା କରିଥିବା ମୃତକଙ୍କ ସ୍ତ୍ରୀ ଝରଣା ଏତଲା ଦେଇଥିଲେ। ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ପୋଲିସ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଥିବାବେଳେ ଏ ନେଇ ପାଟି ଖୋଲୁନାହିଁ। ତେଣୁ ମୀନକେତନଙ୍କୁ ଗୁଳିମାଡ଼ ହୋଇଥିଲା କି ନାହିଁ, ତାହା ସ୍ପଷ୍ଟ ହୋଇପାରିନାହିଁ। ଅନ୍ୟପଟେ ଝରଣାଙ୍କ ଅଭିଯୋଗକ୍ରମେ ନଂ.୩୯୧/୨୨, ଦଫା ୩୦୨, ୨୫ ଓ ୨୭ ଆର୍ମସ ଆକ୍ଟରେ ମାମଲା ରୁଜୁ କରାଯାଇଛି। ତଦନ୍ତ ଏବଂ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଯାହାକିଛି ସ୍ପଷ୍ଟ ହେବ ବୋଲି ଥାନାଧିକାରୀ ଶରତ ଚନ୍ଦ୍ର ମହାଳିକ ସୂଚନା ଦେଇଛନ୍ତି।

### କ୍ଷତିଗ୍ରସ୍ତଙ୍କ ଉପରେ ଜୁଲମ ଅଭିଯୋଗ

ଛେଣ୍ଡିପଦା, ୧୭।୧୦(ସ୍ୱ.ପ୍ର.)-ଛେଣ୍ଡିପଦା ବ୍ଲକ ବରପଦା ପଞ୍ଚାୟତ ଗୋପୀବଲ୍ଲଭପୁର ଗ୍ରାମ ନିକଟବର୍ତ୍ତୀ କୋଲ ବ୍ଲକଗୁଡ଼ିକୁ ନାଲ୍‌କୋ କମ୍ପାନୀ ପକ୍ଷରୁ 'ଉତ୍କଳ-ଡି' ଓ 'ଉତ୍କଳ-ଇ' କୋଲ୍ ବ୍ଲକ୍ ଭାବେ ଅଧିଗ୍ରହଣ କରାଯାଇଛି। ତେବେ ଖଣି କ୍ଷତିଗ୍ରସ୍ତଙ୍କ ଦାବିକୁ କମ୍ପାନୀ ଅଣଦେଖା କରୁଥିବା ଅଭିଯୋଗ ହୋଇଛି। ଖଣି ଖନନ ହେଲେ ଅଞ୍ଚଳର ୫୦୦ରୁ ଊର୍ଦ୍ଧ୍ୱ ଗରିବ ଆଦିବାସୀଙ୍କ ଜୀବିକା ଉଜୁଡ଼ିଯିବ। ତେଣୁ ଖଣିରେ ନିଯୁକ୍ତି, କ୍ଷତିପୂରଣ ଏବଂ ଥଇଥାନ କରିବାକୁ ସେମାନେ ଦାବି କରି ଆସୁଛନ୍ତି। ତେବେ କମ୍ପାନୀ ସେମାନଙ୍କ ଦାବିକୁ ଅଣଦେଖା କରି ଜୁଲମ୍ କରୁଥିବା ସେମାନେ କହିଛନ୍ତି। ଗ୍ରାମବାସୀଙ୍କ କହିବା କଥା, ଗତ ଲୋକ ସଭା ଅଧିବେଶନରେ କେନ୍ଦ୍ର ଖଣିମନ୍ତ୍ରୀ ନାଲକୋ ଓ ଏମ୍‌ସିଏଲ୍‌ରେ କ୍ଷତିଗ୍ରସ୍ତ ପ୍ରଜାଙ୍କୁ ନିଯୁକ୍ତି ଦେଉଥିବା କହିଥିଲେ। ସେହିପରି ଆର୍‌ପିଡିଏସି ବୈଠକରେ ନିଯୁକ୍ତି ପ୍ରତିଶ୍ରୁତି ଦେଇ କ୍ଷତିଗ୍ରସ୍ତଙ୍କୁ ସ୍ୱଳ୍ପ କ୍ଷତିପୂରଣ ପ୍ରଦାନ କରାଯାଇଥିଲା। ତେବେ ଏବେ କମ୍ପାନୀ କର୍ତ୍ତୃପକ୍ଷ ବିନା ନିଯୁକ୍ତିରେ ସେମାନଙ୍କ ବିସ୍ଥାପିତ ହେବା ପାଇଁ ବାଧ କରୁଥିବାରୁ ଉତ୍ତେଜନା ବଢ଼ିବାରେ ଲାଗିଛି। ଅପରପକ୍ଷେ ଲୋକଙ୍କୁ ହଇରାଣ କରୁଥିବା ଏକ ଘରୋଇ କମ୍ପାନୀର ୨ କର୍ମଚାରୀଙ୍କ ବିରୋଧରେ ନିଶା ଶିଳ୍ପାଞ୍ଚଳ ଥାନାରେ ମାମଲା ରୁଜୁ କରାଯାଇଛି। ବିବାଦର ତୁରନ୍ତ ସମାଧାନ କରିବାକୁ ଦାବି ହେଉଛି।

### ଇଏସ୍‌ଆଇ ଡାକ୍ତରଖାନା ଖୋଲିବାକୁ ଦାବି

କଣିହାଁ, ୧୭।୧୦(ଡି.ଏନ.ଏ.)-ତାଳଚେର ନିର୍ବାଚନମଣ୍ଡଳୀରେ ଅନ୍ୟ ଏକ ଇଏସ୍‌ଆଇ ହସ୍ପିଟାଲ ଖୋଲିବା ଲାଗି ଦାବି ହୋଇଛି। ସୋମବାର କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ ବ୍ୟାପାର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ରାଜ୍ୟ ଶ୍ରମ ଓ କର୍ମଚାରୀ ବୀମା ବିଭାଗ ମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ କଣିହାଁ ଗସ୍ତ ଅବସରରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପାଲଲହଡା ବିଧାୟକ ମୁକେଶ କୁମାର ପାଲ ଉଭୟଙ୍କୁ ସାକ୍ଷାତ୍ କରି ଏ ସମ୍ପର୍କିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ରାଜ୍ୟ ଯୁବ କଲ୍ୟାଣ ପରିଷଦ କାର୍ଯ୍ୟ ନିର୍ବାହୀ ଅଧକ୍ଷ କୁନୁବିହାରୀ, ଜିଲା ପରିଷଦ ସଦସ୍ୟ ରଞ୍ଜନ ସାହୁ, ବ୍ଲକ ଅଧକ୍ଷ ରାମକୃଷ୍ଣ ପ୍ରଧାନ, ଉପାଧକ୍ଷା ଜୟନ୍ତୀ ପ୍ରଧାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ପ୍ରଶାସନ ଅକ୍ତିଆରକୁ ଗଲା ଜବରଦଖଲ ଜମି



ବଇଣ୍ଡା, ୧୭।୧୦(ଡି.ଏନ୍.ଏ.)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଅଞ୍ଚଳରେ ସରକାରୀ ଜମି ଜବରଦଖଲ ବୃଦ୍ଧି ପାଉଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଏକ ସରକାରୀ ଜମିକୁ କବ୍‌ଜା କରିଥିବାବେଳେ ସୋମବାର ଆଠମଲ୍ଲିକ ତହସିଲ ପ୍ରଶାସନ ଏହାକୁ ଅକ୍ତିଆରକୁ ନେଇଛି। ଉକ୍ତ ଜମିରେ ସରକାରୀ ବ୍ୟାନର ଲଗାଯାଇଛି।

ସୂଚନାଯୋଗ୍ୟ, ଠାକୁରଗଡ଼ ଅଞ୍ଚଳରେ ଖାତା ନଂ. ୨୧୪, ପ୍ଲଟ ନଂ. ୭୪୯ରେ ଥିବା ୦.୯୭ ଡିସିମିଲ ଜମିକୁ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଦଖଲ କରିଥିଲେ। ଏ ନେଇ ଅଞ୍ଚଳବାସୀ ଆଠମଲ୍ଲିକ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ, ଠାକୁରଗଡ଼ ରାଜସ୍ୱ ନିରୀକ୍ଷକ ଧ୍ରୁବଚରଣ ନାୟକ ଉକ୍ତ ଜମି ଦଖଲକୁ ନେଇଥିଲେ। ଆଠମଲ୍ଲିକ ତହସିଲଦାର ଯଶୋବନ୍ତ ଦେହୁରୀ କୁହନ୍ତି, ଉକ୍ତ ସରକାରୀ ଜମି ଜବରଦଖଲ ହୋଇଥିବା ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି। ବେଆଇନ ଭାବେ ଅକ୍ତିଆର କରାଯାଇଥିବା ଜମି ସମ୍ପର୍କରେ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ।

# ପୂଜା ଦେଖିଲେ ଶିଶୁ ଅନ୍ତେବାସୀ

ଢେଙ୍କାନାଳ ଅଫିସ, ୧୭।୧୦

ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁରସ୍ଥିତ ମହର୍ଷି ଦୟାନନ୍ଦ ସର୍ଭିସ ମିଶନର ୫୦ରୁ ଊର୍ଦ୍ଧ୍ୱ ଶିଶୁ ଅନ୍ତେବାସୀ ରବିବାର ବିଭିନ୍ନ ପୂଜା ମଣ୍ଡପ ବୁଲି ଦେଖିଛନ୍ତି। ଶିଶୁମାନେ ଗଣେଶ ବଜାରଠାରୁ ବାଜିଚୌକ ପର୍ଯ୍ୟନ୍ତ ଧାଡ଼ିବାନ୍ଧି ଚାଲି ଚାଲି ଯାଇ ପୂଜା ଦେଖିଥିଲେ। ସମ୍ପୃକ୍ତ ଶିଶୁମାନେ ଲକ୍ଷ୍ମୀପୂଜା ବିଷୟରେ ଅବଗତ ହୋଇ ଖୁସି ବ୍ୟକ୍ତ କରିଥିଲେ। ଶିବମଣ୍ଡପ ରାଇଜିଂ ଷ୍ଟାର କ୍ଲବର ରଶ୍ମିରଞ୍ଜନ ପାଢ଼ୀଙ୍କ ତତ୍ତ୍ୱାବଧାନରେ ଅନ୍ତେବାସୀଙ୍କ ପରିଭ୍ରମଣ ବ୍ୟବସ୍ଥା କରାଯାଇଥିଲା। ଗଣେଶ ବଜାର ପୂଜା କମିଟି ସମ୍ପାଦକ ବିଶ୍ୱନାଥ ବେହେରାଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ପିଲାଙ୍କୁ ସ୍ୱାଗତ କରିଥିଲେ।

# ଯୋରାଗାଡ଼ିଆବାସୀଙ୍କ ଖଣି ବନ୍ଦ ଆନ୍ଦୋଳନ


ଯୋରାଗାଡ଼ିଆ ଗ୍ରାମବାସୀ ଆନ୍ଦୋଳନ ଚଳାଇଛନ୍ତି।

ତାଳଚେର, ୧୭।୧୦(ନି.ପ୍ର.)

ନିଯୁକ୍ତି ଓ ଥଇଥାନ ଦାବିରେ ତାଳଚେର ବ୍ଲକ ପଦ୍ମାବତୀପୁର ପଞ୍ଚାୟତ ଯୋରାଗାଡ଼ିଆ ଗ୍ରାମବାସୀ ସୋମବାର ଏମ୍‌ସିଏଲ୍‌ର ଭରତପୁର ଓ ଜଗନ୍ନାଥ କ୍ଷେତ୍ରରେ ଖଣିବନ୍ଦ ଆନ୍ଦୋଳନ କରିଛନ୍ତି। ଅନୁଗୋଳ ଜିଲାପାଳ ଏବଂ ତାଳଚେର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଏମ୍‌ପି, ବିଧାୟକଙ୍କ ଉପସ୍ଥିତିରେ ହୋଇଥିବା ନିଷ୍ପତ୍ତିକୁ ଲାଗୁ କରା ନ ଯିବା, ଏମ୍‌ସିଏଲ ଦ୍ୱାରା ଅଧିକାଂଶ ଜମି ଅଧିଗ୍ରହଣ ହୋଇଥିବା ସତ୍ତ୍ୱେ ଯୋରାଗାଡ଼ିଆର କ୍ଷତିଗ୍ରସ୍ତ ପ୍ରଜାଙ୍କୁ ନିଯୁକ୍ତି ସୁବିଧା ନ ମିଳିବା, ଖଣି ନିକଟରେ ବ୍ଲାଷ୍ଟିଂଯୋଗୁ ବାୟୁ ଏବଂ ଜଳ ପ୍ରଦୂଷଣ, ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ଆଦିକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଖଣି କର୍ତ୍ତୃପକ୍ଷ ଆବଶ୍ୟକ ପଦକ୍ଷେପ ନେଉ ନ ଥିବାରୁ ବାଧ ହୋଇ ଖଣି ବନ୍ଦ ଆନ୍ଦୋଳନ କରାଯାଇଥିଲା। ଏ ନେଇ ଏକ ବୈଠକ ତାଳଚେର ଉପଜିଲାପାଳଙ୍କ ଅଧକ୍ଷତାରେ ଅପରାହ୍ଣରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଖଣି କର୍ତ୍ତୃପକ୍ଷ, ଗ୍ରାମ୍ୟ କମିଟି ସଦସ୍ୟ ଉପସ୍ଥିତ ଥିଲେ। ୯ ମାସ ମଧ୍ୟରେ ନିଯୁକ୍ତି ପ୍ରତିଶ୍ରୁତି ଦିଆଯିବ ବୋଲି ଏମ୍‌ସିଏଲ୍ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି।

# ବୈଜ୍ଞାନିକ ଜ୍ଞାନକୌଶଳ ଦ୍ୱାରା କୃଷିର ଉନ୍ନତି ହେବ



କାର୍ଯ୍ୟକ୍ରମରେ ଉପସ୍ଥିତ ମୁଖ୍ୟ ଅତିଥିଙ୍କ ସମେତ ଅନ୍ୟମାନେ।

ଅନୁଗୋଳ ଅଫିସ, ୧୭।୧୦

ଅନୁଗୋଳ କୃଷି ବିଜ୍ଞାନ କେନ୍ଦ୍ର ଆନୁକୂଲ୍ୟରେ ସୋମବାର ଜିଲାସ୍ତରୀୟ ପ୍ରଧାନମନ୍ତ୍ରୀ କୃଷକ କଲ୍ୟାଣ ସମ୍ମେଳନ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏମ୍‌ପି ମହେଶ ସାହୁ ଯୋଗଦେଇ ବୈଜ୍ଞାନିକ ଜ୍ଞାନକୌଶଳ ଦ୍ୱାରା କୃଷି ଓ କୃଷକର ଉନ୍ନତି ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରମିଳ କୁମାର ସ୍ୱାଇଁ, ଜିଲା ମତ୍ସ୍ୟ ଉପନିର୍ଦ୍ଦେଶକ ବବିତା ମହାନ୍ତ, ଜିଲା ଜଳ ବିଭାଜିକାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଅମିତ୍ ବେହେରା, ଅତିରିକ୍ତ ମତ୍ସ୍ୟ ଅଧିକାରୀ ସୁଶ୍ରୀ ଶୁଭସ୍ମିତା ଘଡ଼େଇ ଯୋଗ ଦେଇଥିଲେ। ମୁଖ୍ୟ ବୈଜ୍ଞାନିକ ଡ. ଦେବାଶିଷ ମିଶ୍ର ପରିଚାଳନା କରିଥିବାବେଳେ ଜିଲା କୃଷକ ମହାସଂଘ ସଭାପତି ଅରକ୍ଷିତ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଭାରତୀୟ କୃଷି ଗବେଷଣା ଅନୁଷ୍ଠାନ, ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଚାଷୀ ସମାରୋହରେ ଯୋଗଦେଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦବୋଧନର ସିଧାପ୍ରସାରଣ କରାଯାଇଥିଲା। ଜିଲାର ବିଭିନ୍ନ ବ୍ଲକରୁ ଶତାଧିକ ଚାଷୀ ଯୋଗ ଦେଇଥିଲେ। ଏହି ଅବସରରେ ଏମ୍‌ପି ସାହୁ କୃଷି ବିଜ୍ଞାନ କେନ୍ଦ୍ର ପରିଦର୍ଶନ କରି ଏହାର ଉନ୍ନତି ପାଇଁ ଅନୁଦାନ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

# ଦୋକାନରେ ଚଢ଼ାଉ, ଜରିମାନା ଆଦାୟ

ଅନୁଗୋଳ ଅଫିସ,୧୭।୧୦

ଅନୁଗୋଳ ସହରରେ ପାର୍ବଣ ମାହୋଲ ଜମୁଛି। ଫଳରେ ପଲ୍ଲୀଠାରୁ ସହର ପର୍ଯ୍ୟନ୍ତ ସବୁ ଲୋକ ସହର ମୁହାଁ ହେଉଛନ୍ତି। ଏଭଳି କି ଲୋକଙ୍କ ସମାଗମ ଦେଖି ଚଟାପଟ ଖାଦ୍ୟ ବ୍ୟବସାୟୀ ପସରା ମେଲାଇଛନ୍ତି। ପୂଜା ଶେଷ ହୋଇ ଆସୁଥିବା ଦେଖି ସୋମବାର ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଧନଞ୍ଜୟ ବେହେରାଙ୍କ ନେତୃତ୍ୱରେ ଖାଦ୍ୟ ନିରାପତ୍ତା ଅଧିକାରୀ ହରପ୍ରିୟା ବେହେରା ଓ ଅନ୍ୟ କର୍ମଚାରୀମାନେ ଅନୁଗୋଳ ବସ୍‌ଷ୍ଟାଣ୍ଡରେ ଥିବା ବିଭିନ୍ନ ଦୋକାନରେ ଚଢାଉ କରିଥିଲେ। ଯାଞ୍ଚ ସମୟରେ ବିଭିନ୍ନ ଦୋକାନରୁ ପୁଳାପୁଳା ବାସୀଖାଦ୍ୟ ଠାବ କରାଯାଇଥିଲା। ବସ୍‌ଷ୍ଟାଣ୍ଡରୁ ବଜାର ଛକ ମଧ୍ୟରେ ମୋଟ୍ ୩୦ଟି ଦୋକାନ ଉପରେ ଚଢାଉ କରାଯାଇଥିଲା। ବାସୀଖାଦ୍ୟ ଠାବ କରାଯାଇଥିବା ବ୍ୟବସାୟୀଙ୍କଠାରୁ ୫,୪୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିବା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବେହେରା ସୂଚନା ଦେଇଛନ୍ତି। ଖାସ୍ କରି ମୁଡି ଦୋକାନ, ଫାଷ୍ଟ ଫୁଡ ଦୋକାନୀ, ମଥୁରା କେକ୍ ଆଦି ଦୋକାନରେ ଚଢାଉ କରାଯାଇଥିଲା।

# ଜିଲାସ୍ତରୀୟ ମିଳିତ ଜନ ଶୁଣାଣି ଶିବିର

ଅନୁଗୋଳ ଅଫିସ,୧୭।୧୦



ଶିବିରରେ ଉପସ୍ଥିତ ଜିଲାପାଳଙ୍କ ସମେତ ଅନ୍ୟମାନେ।

ଅନୁଗୋଳ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ସୋମବାର ଜିଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଦାଖଲ ହୋଇଥିବା ସମୁଦାୟ ୫୨ଟି ଅଭିଯୋଗରୁ ୫୦ଟି ବ୍ୟକ୍ତିଗତ, ୨ଟି ଗ୍ରାମ୍ୟ ଭିତ୍ତିକ ଅଭିଯୋଗର ଶୁଣାଣି କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ଜିଲା ରେଡକ୍ରସ ପାଣ୍ଠିରୁ ଚିକିତ୍ସା ପାଇଁ ୨ଜଣଙ୍କୁ ୧୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ସମୁଦାୟ ୫୨ଟି ଅଭିଯୋଗ ମଧ୍ୟରୁ ୭ଟି ଅଭିଯୋଗର ଫଇସଲା କରାଯାଇଥିଲା। ସାଧାରଣତଃ ଜମିବାଡି ସମ୍ବନ୍ଧୀୟ, ବିଧବା ଭତ୍ତା, ଚିକିତ୍ସା ସହାୟତା ଓ ପ୍ରଧାନମନ୍ତ୍ରୀ ଆବାସ ସମେତ ବିଭିନ୍ନ ଅଭିଯୋଗ ଜନସାଧାରଣ ଦାଖଲ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଜଗମୋହନ ମୀନା, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ତ୍ରିଲୋଚନ ପ୍ରଧାନ, ଅନୁଗୋଳ ତହସିଲଦାର ବିମଳ କୁମାର ଲେଙ୍କା, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

# ସେମିରେ ଜଗା ୟୁନାଇଟେଡ୍



ଅନୁଗୋଳ ଅଫିସ, ୧୭।୧୦

ଅନୁଗୋଳ ତୁରଙ୍ଗ ବିଜୁ ପଟ୍ଟନାୟକ ମିନିଷ୍ଟାଡ଼ିୟମରେ ସୋମବାର ତୁରଙ୍ଗ କପ୍ ଫୁଟବଲ ଟୁର୍ନାମେଣ୍ଟର ୨ୟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଜଗା ୟୁନାଇଟେଡ୍ ୩-୦ ଗୋଲ୍‌ରେ ଆଠମଲ୍ଲିକର ଏ.କେ. କ୍ଲବ୍ ପତାକାକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ବିଜୟୀ ଦଳର ୧୫ନଂ ଜର୍ସିରେ ଖେଳୁଥିବା ଦୀନବନ୍ଧୁ ଦାସ ସମସ୍ତ ୩ଟି ଗୋଲ ଦେଇ 'ମ୍ୟାନ୍ ଅଫ ଦି ମ୍ୟାଚ' ବିବେଚିତ ହେଇଥିଲେ। ବୁଧବାର ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ ବେଲପାହାଡ ଓ ଜଗା ୟୁନାଇଟେଡ୍ ମଧ୍ୟରେ ଅନୁଷ୍ଠିତ ହେବ। ଅଞ୍ଚଳର ବହୁ ବରିଷ୍ଠ ନାଗରିକ ମ୍ୟାଚ୍‌କୁ ଉପଭୋଗ କରିଥିଲେ।

# ସର୍ବଭାରତୀୟ ପାଲଲହଡ଼ା କପ୍: କୁଚିଣ୍ଡା ଚାମ୍ପିୟନ

ପାଲଲହଡ଼ା, ୧୭।୧୦(ଡି.ଏନ.ଏ.)


ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।

ଅନୁଗୋଳ ଜିଲା ପାଲଲହଡ଼ା ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମ୍‌ରେ ଚାଲିଥିବା ସର୍ବଭାରତୀୟ ପାଲଲହଡ଼ା କପ ସୋମବାର ଉଦ୍‌ଯାପିତ ହୋଇଯାଇଛି। ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ କୁଚିଣ୍ଡା ଦଳ ୧-୦ ଗୋଲ୍‌ରେ ଢେଙ୍କାନାଳ ପପୁଲାର କ୍ଲବକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ନିର୍ଦ୍ଧାରିତ ସମୟରେ ମ୍ୟାଚ୍ ଗୋଲ୍‌ଶୂନ୍ୟ ରହିଥିଲା। ଅତିରିକ୍ତ ସମୟରେ କୁଚିଣ୍ଡା ଦଳ ଗୋଟିଏ ଗୋଲ୍ କରି ବିଜୟୀ ହୋଇଥିଲା।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ, ସ୍ୱତନ୍ତ୍ର ଅତିଥି ଭାବେ ଏମ୍‌ପି ମହେଶ ସାହୁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ, ରାଜ୍ୟ ଯୁବ ପରିଷଦ ଅଧକ୍ଷ କୁନୁ ବିହାରୀ ଦାଶ, କଣିହାଁ ବ୍ଲକ ଅଧକ୍ଷ ରାମକୃଷ୍ଣ ପ୍ରଧାନ, ପାଲଲହଡା ବ୍ଲକ ଅଧକ୍ଷା ରୀନାରାଣୀ ନାଏକ, ଜିଲା ପରିଷଦ ସଦସ୍ୟ ବୁଦ୍ଧୁରାମ ବୋଇପାଇ, ଇନ୍ଦ୍ରାଣୀ ହେମ୍ବ୍ରମ, ଉପଜିଲାପାଳ ସୁଶାନ୍ତ ପତି, ବିଡିଓ ଦିଲୀପ ବାଡା, ତହସିଲଦାର ଲମ୍ବୋଦର ମାରାଣ୍ଡି, ନିଜିଗଡ଼ ସରପଞ୍ଚ ଶଶୀଭୂଷଣ ଆଚାର୍ଯ୍ୟ ଯୋଗ ଦେଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହିତ ୪୦ ହଜାର ଟଙ୍କା ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହିତ ୩୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ଶିବଶଙ୍କର ପଣ୍ଡା ଖେଳ ପରିଚାଳନା କରିଥିବାବେଳେ ଦିଲୀପ ରାଉତ, ପ୍ରଶାନ୍ତ ପାଲ, ଭୋଳେଶ୍ୱର ଗାଗରାଇ ସହଯୋଗ କରିଥିଲେ।

## ମହିଳାଙ୍କଠାରୁ ସୁନାଚେନ୍ ଲୁଟ୍

**ଅନୁଗୋଳ ଅଫିସ,୧୭।୧୦:** ଅନୁଗୋଳ ସହରର କଲେଜ ଛକ ଓ ରେଭେନ୍ୟୁ କଲୋନୀ ସମ୍ମୁଖରୁ ୨ ମହିଳାଙ୍କଠାରୁ ଦୁର୍ବୃତ୍ତମାନେ ସୁନା ଚେନ୍ ଲୁଟି ନେଇଛନ୍ତି। ଏ ନେଇ ରବିବାର ଅନୁଗୋଳ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି। ଜନଗହଳିପୂର୍ଣ୍ଣ ସ୍ଥାନରୁ ଏଭଳି ଲୁଟ୍ ଆତଙ୍କ ସୃଷ୍ଟି କରିଥିବାବେଳେ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ସାଧାରଣରେ ଦାବି ହୋଇଛି।

## ଆଜି କ'ଣ କେଉଁଠି

**ଆନ୍ତଃରାଜ୍ୟ ଫୁଟବଲ ଟୁର୍ନାମେଣ୍ଟ**
ପ୍ରଥମ ସେମିଫାଇନାଲ
ମ୍ୟାଚ୍ ସ୍ଥାନ: ତୁରଙ୍ଗ ମିନି ଷ୍ଟାଡିୟମ,
ସମୟ: ଅପରାହ୍ନ ୨ଟା ୩୦।

## ସଂକ୍ଷେପରେ

### କୂଅରୁ ବାର୍ହା ଉଦ୍ଧାର

**ଅନୁଗୋଳ ଅଫିସ, ୧୭।୧୦:** ଅନୁଗୋଳ ଜିଲା ବନ୍ତଳା ଥାନା ବଡକେରା ରୁଗୁଡିପଦା ଅଞ୍ଚଳରେ ଥିବା କୂଅରୁ ସୋମବାର ଏକ ବାର୍ହା ଉଦ୍ଧାର କରାଯାଇଛି। ରବିବାର ବିଳମ୍ବିତ ରାତିରେ ବାର୍ହାଟି କୂଅରେ ପଡିଯାଇଥିଲା। ସକାଳେ ସ୍ଥାନୀୟ ଲୋକ ଦେଖିବା ପରେ ବନ ବିଭାଗକୁ ସୂଚନା ଦେଇଥିଲେ। ଏହାପରେ ବନ ବିଭାଗ ଅନୁଗୋଳ ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ବାରହାଟିକୁ ଉଦ୍ଧାର କରିଥିଲା।

### ପୋଲିସ ଗାଡ଼ି ଧକ୍କାରେ ୨ ଆହତ

**କଣିହାଁ,୧୭।୧୦(ଡି.ଏନ.ଏ.)** କଣିହାଁ ବ୍ଲକ ସମଲ ଥାନା କୁଲେଇଠାରେ ସମଲ ଥାନା ପୋଲିସ ଗାଡ଼ି ଦୁର୍ଘଟଣାରେ ୨ଜଣ ଆହତ ହୋଇଛନ୍ତି। ସେମାନେ ହେଲେ କଟରାପଡ଼ା ଗ୍ରାମର ମନ୍ତ୍ରୀବର ସାହୁ ଓ ବନମାଳୀ ବେହେରା। କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଗସ୍ତରେ ଆସିଥିବା ଜାଣି ଉଭୟ ଗ୍ରାମର ସମସ୍ୟା ବିଷୟ ସମ୍ବଳିତ ଦରଖାସ୍ତ ଦେବା ନିମନ୍ତେ ଯାଉଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଉଭୟଙ୍କୁ କଣିହାଁ ଡାକ୍ତରଖାନରେ ଭର୍ତ୍ତି କରାଯାଇଛି। ଏ ନେଇ ସମଲ ଥାନାରେ ୨ଟି ମାମଲା ରୁଜୁ ହୋଇଛି। ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି।

### ଋଣ ଟଙ୍କା ହଡ଼ପ

**ଅନୁଗୋଳ ଅଫିସ, ୧୭।୧୦:** ଅନୁଗୋଳର ଏକ ଘରୋଇ ବ୍ୟାଙ୍କ କର୍ମଚାରୀଙ୍କ ବିରୋଧରେ ସଙ୍ଗିନ ଅଭିଯୋଗ ଆସିଛି। ମହିଳା ସଂଘ ସଦସ୍ୟଙ୍କ ଋଣ ବାବଦ ଟଙ୍କା ସମ୍ପୃକ୍ତ କର୍ମଚାରୀ ହଡ଼ପ କରିଥିବା ଜଣାପଡ଼ିଛି। ଫଳରେ ଋଣ ଆଣିଥିବା ମହିଳା ଗୋଷ୍ଠୀ ସଦସ୍ୟ ସମସ୍ୟାରେ ପଡ଼ିଛନ୍ତି। ଏ ନେଇ ପ୍ରଫୁଲ୍ଲ ଭୂତିଆ ପ୍ରଥମେ ଅନୁଗୋଳ ଥାନାରେ ଅଭିଯୋଗ କରିବା ପରେ ଘଟଣା ପଦାକୁ ଆସିଛି। ଏହି ଘଟଣାରେ ପୋଲିସ ବ୍ୟାଙ୍କରେ ଫିଲ୍ଡ ଅଫିସର ତଥା ପୁରୀ ଜିଲା ପିପିଲି ଅଞ୍ଚଳର ମନୋଜ କୁମାର ରାଉତଙ୍କୁ ଗିରଫ କରିଛି। ଏହାପରେ ମନୋଜଙ୍କ ବିରୋଧରେ ଅଭିଯୋଗ ବଢ଼ିବାରେ ଲାଗିଛି। ସୋମବାର ବଅଁରପାଳ ଥାନାରେ ରାମମୂଳାର ଆରତି ବେହେରା ଅନୁରୂପ ଅଭିଯୋଗ କରିଛନ୍ତି। ସେ ଏତଲାରେ ଦର୍ଶାଇଛନ୍ତି, ଗ୍ରାମର ୫ ମହିଳା ମହିଳା ଗୋଷ୍ଠୀ ୨ ଲକ୍ଷ ୭୫ ହଜାର ଟଙ୍କା ବ୍ୟାଙ୍କ ଋଣ ଆଣିଥିଲେ। ସେପ୍ଟେମ୍ବରରେ ମନୋଜଙ୍କୁ ସେମାନେ ପ୍ରଥମ କିସ୍ତି ଟଙ୍କା ପ୍ରଦାନ କରିଥିଲେ। ଚଳିତ ମାସରେ ଦ୍ୱିତୀୟ କିସ୍ତି ବାବଦକୁ ୧୮, ୫୨୦ ଟଙ୍କା ଦେଇଥିଲେ। ହେଲେ ସବୁ ଟଙ୍କା ମନୋଜ ବ୍ୟାଙ୍କରେ ଜମା ନ କରି ଆତ୍ମସାତ୍ କରିଦେଇଥିବା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ଆରତିଙ୍କ ଅଭିଯୋଗକ୍ରମେ ନଂ. ୩୬୧/୨୨ରେ ମାମଲା ରୁଜୁ କରାଯାଇଛି। ଏଥିପୂର୍ବରୁ ବାରି ଭୂତିଆଙ୍କଠାରୁ ସମାନ ଢଙ୍ଗରେ ଟଙ୍କା ହଡ଼ପ କରାଯାଇଥିବା ନେଇ ଅଭିଯୋଗ ଆସିଥିଲା।

### ରାଜମିସ୍ତ୍ରି ହତ୍ୟାକାଣ୍ଡ, ଅଭିଯୁକ୍ତ ଗିରଫ

**ଅନୁଗୋଳ ଅଫିସ,୧୭।୧୦-** ଅନୁଗୋଳ ସଦର ଥାନା ପଞ୍ଚମହଲା ଗ୍ରାମର ରାଜମିସ୍ତ୍ରି ମଦନ ଦେହୁରୀ ହତ୍ୟା ଘଟଣାରେ ସୋମବାର ପୋଲିସ ଗାଙ୍ଗୁଲି ଭୋଇ(୨୮)ଙ୍କୁ ଗିରଫ କରିଛି। ପୋଲିସ କହିଛି, ଗ୍ରାମରେ ଲକ୍ଷ୍ମୀପୂଜା ଚାଲିଥିବାବେଳେ ମଦନ ମଦ୍ୟପାନ କର ଗାଙ୍ଗୁଲିଙ୍କୁ ଗାଳିଗୁଲଜ କରିଥିଲେ। ଗାଙ୍ଗୁଲି ଉତ୍କ୍ଷିପ୍ତ ହୋଇ ମଦନଙ୍କୁ ଧକ୍କା ମାରିଥିଲେ। ମଦନ ତଳେ ପଡ଼ିଯାଇଥିବାବେଳେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ମୃତକଙ୍କ ପୁଅ ପିଣ୍ଟୁ ଦେହୁରୀଙ୍କ ଅଭିଯୋଗକ୍ରମେ ଗତ ୧୦ ତାରିଖରେ ପୋଲିସ ନଂ. ୭୯୩/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ହତ୍ୟାକାଣ୍ଡ ପରେ ଗାଙ୍ଗୁଲି ଅନୁଗୋଳ ଜିଲାର ଏକ ଜଙ୍ଗଲରେ ଆତ୍ମଗୋପନ କରିଥିଲେ। ପରେ ହିନ୍ଦୋଳ ଜଙ୍ଗଲକୁ ପଳାଇଥିଲେ। ବିଶ୍ୱସ୍ତସୂତ୍ରରୁ ସୂଚନା ପାଇ ସଦର ଥାନା ଅଧିକାରୀ ସତ୍ୟବ୍ରତ ରାଉତ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

# ୧୭୦୦ ଟଙ୍କାରୁ ୧୭ ଲକ୍ଷ

**ଢେଙ୍କାନାଳ ଅଫିସ, ୧୭।୧୦**

### ରୌପ୍ୟ ଜୟନ୍ତୀ ପାଳୁଛି ଅରବିନ୍ଦ ବଜାର

୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ରୌପ୍ୟ ଜୟନ୍ତୀ ସମାରୋହ ପାଳନ କରୁଛି ଢେଙ୍କାନାଳର ଅନ୍ୟତମ ପୁରାତନ ପୂଜା ପ୍ରତିଷ୍ଠାନ ଅରବିନ୍ଦ ବଜାର ମହିଷାପାଟ। ଦୀର୍ଘ ଦୁଇବର୍ଷ ପରେ ମା'ଙ୍କ ପୂଜା ବିନା କଟକଣାରେ ହେଉଥିବାବେଳେ ଏହାକୁ ନେଇ ମଣ୍ଡପର କର୍ମକର୍ତ୍ତାଙ୍କ ମଧ୍ୟରେ ପରିଲକ୍ଷିତ ହୋଇଛି ବିପୁଳ ଉତ୍ସାହ।

୧୯୯୭ରେ ଅରବିନ୍ଦ ବଜାରରେ ପ୍ରଥମେ ପୂଜା ଅନୁଷ୍ଠିତ ହୋଇଥିଲା। ସେହିବର୍ଷ ଖର୍ଚ୍ଚ ହୋଇଥିଲା ମାତ୍ର ୧୭୦୦ ଟଙ୍କା। ପ୍ରତିଯୋଗିତାମୂଳକ ପୂଜାରେ ବଜେଟ ଏବେ ୧୭ ଲକ୍ଷ ଟଙ୍କା ଛୁଇଁଲାଣି। ଚଳିତବର୍ଷ ମଣ୍ଡପରେ ମା'ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ପ୍ରତିମା ପୂଜା ପାଉଛନ୍ତି। ସେହିପରି ରୌପ୍ୟ ଜୟନ୍ତୀ ଉତ୍ସବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମର ମଧ୍ୟ ଆୟୋଜନ କରାଯାଉଛି। ଗୁରୁବାର ମା'ଙ୍କ ସାମୂହିକ ପ୍ରସାଦ ସେବନ କାର୍ଯ୍ୟକ୍ରମରେ ସବୁ ସମ୍ପ୍ରଦାୟର ଲୋକେ ସାମିଲ ହୋଇଥିଲେ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଭାଇଚାରା ବଜାୟ ରଖି ଅରବିନ୍ଦ ବଜାର ଅଞ୍ଚଳବାସୀ ପୂଜାରେ ସାମିଲ ହୋଇଛନ୍ତି।


ଅରବିନ୍ଦ ବଜାର ପୂଜା ମଣ୍ଡପ।

**ସେମାନେ ଯାହା କୁହନ୍ତି...**


"ଅରବିନ୍ଦ ବଜାରରେ ୧୯୯୭ରୁ ନିୟମିତ ପୂଜା ଅନୁଷ୍ଠିତ ହେଉଛି। ଚଳିତବର୍ଷ ୧୭ ଲକ୍ଷ ଟଙ୍କାର ବଜେଟ ପ୍ରସ୍ତୁତ କରାଯାଇଛି। ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଉଛି।

–ବ୍ରହ୍ମାନନ୍ଦ ସାହୁ, ସଭାପତି


"ରୌପ୍ୟ ଜୟନ୍ତୀ ପାଳନରେ ଅଞ୍ଚଳବାସୀ ସହଯୋଗ କରୁଛନ୍ତି। ଭଜନ ସାଙ୍ଗକୁ ମେଲୋଡି ଅନୁଷ୍ଠିତ ହେଉଛି । ମଣ୍ଡପ ସମେତ ସମଗ୍ର ଅଞ୍ଚଳକୁ ସାଜସଜ୍ଜା କରାଯାଇଛି।

–ପ୍ରଭାକର ନାୟକ, ସମ୍ପାଦକ

# ବୁଢ଼ି ଅଞ୍ଚଳରେ କେନ୍ଦ୍ରମନ୍ତ୍ରୀ


ବୁଢ଼ି ଅଞ୍ଚଳରେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ।

**କଣିହାଁ,୧୭।୧୦(ଡି.ଏନ.ଏ.)**

କଣିହାଁ ବ୍ଲକ ଅଞ୍ଚଳକୁ କେନ୍ଦ୍ର ଜଳଶକ୍ତି ଓ ଜନଜାତି କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ସୋମବାର ଗସ୍ତ କରିଥିଲେ। ପ୍ରଥମେ ମନ୍ତ୍ରୀ ଟୁଡୁ ସମଲ ଆନିକଟ ଓ ରେଙ୍ଗାଲି ଡ୍ୟାମ୍ ଦ୍ୱାରା କ୍ଷତିଗ୍ରସ୍ତ ବୁଢ଼ି ଅଞ୍ଚଳର ବିଭିନ୍ନ ଗ୍ରାମକୁ ଯାଇ କ୍ଷତିଗ୍ରସ୍ତ ଅଞ୍ଚଳବାସୀଙ୍କ ସମସ୍ୟା ପଚାରି ବୁଝିଥିଲେ। ଏହି ପରିପ୍ରେକ୍ଷୀରେ ସମଲ ଗେଷ୍ଟ ହାଉସ୍‌ଠାରେ ଜଳସମ୍ପଦ ବିଭାଗ ଅଧିକାରୀଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ। ବୁଢି ଅଞ୍ଚଳ ସମସ୍ୟା ମାସେ ମଧ୍ୟରେ ସମାଧାନ କରିବା ପାଇଁ ସେ ପ୍ରତିଶ୍ରୁତି ଦେଇଥିଲେ। ଅପରାହ୍ନରେ ମନ୍ତ୍ରୀ ଟୁଡୁ ରେଙ୍ଗାଲି ଅଞ୍ଚଳକୁ ଯାଇ ଓଡ଼ିଶା ଜଳ ବିଦ୍ୟୁତ୍ ପ୍ରକଳ୍ପ ଓ ପାୱାର ଗ୍ରୀଡ୍ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଏହାବାଦ୍ ରେଙ୍ଗାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ତାଙ୍କ ସହ ଭାଜପା ନେତା ଅଶୋକ ମହାନ୍ତି ଉପସ୍ଥିତ ରହି ସମସ୍ତ ଅଞ୍ଚଳର ସମସ୍ୟା ସମ୍ବନ୍ଧରେ ଅବଗତ କରାଇଥିଲେ।

# ଶ୍ରମିକଙ୍କୁ ୪.୬ କୋଟି ସହାୟତା

**କଣିହାଁ/ଖମାର, ୧୭।୧୦(ଡି.ଏନ.ଏ.)**

### -ଅନୁଗୋଳରେ ଶ୍ରମମନ୍ତ୍ରୀ
### -ଷ୍ଟାଡ଼ିୟମର ଭିତ୍ତିପ୍ରସ୍ତର

କଣିହାଁ ବ୍ଲକ ରେଙ୍ଗାଳି ବିଜେଡି ପକ୍ଷରୁ ସୋମବାର ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲଙ୍କ ନେତୃତ୍ୱରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ, ସମ୍ମାନିତ ଅତିଥି ପାଲଲହଡ଼ା ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ କୁନା ବିହାରୀ ଦାସ, ଜିଲା ପରିଷଦ ଉପାଧ୍ୟକ୍ଷା ରଶ୍ମିତା ସେଠୀ, ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ରେଙ୍ଗାଳି ସରପଞ୍ଚ ପ୍ରଭାତୀ ସେଠୀଙ୍କ ସମେତ ଶତାଧିକ କର୍ମୀ ଏଥିରେ ସାମିଲ ହୋଇଥିଲେ। ପଦଯାତ୍ରା ପରେ ରେଙ୍ଗାଳି ପ୍ରକଳ୍ପଠାରେ ମନ୍ତ୍ରୀ ସାହୁ ମିନି ଷ୍ଟାଡିୟମ୍‌ର ଭୂମି ପୂଜନ କରିଥିଲେ। ଏହାପରେ ଶ୍ରମ ବିଭାଗ ପକ୍ଷରୁ ଆୟୋଜିତ ଏକ ସାଧାରଣ ସଭାରେ ଯୋଗଦେଇଥିଲେ। ଏହି ଉପଲକ୍ଷେ ଶ୍ରମିକଙ୍କୁ ନିର୍ମାଣ ଶ୍ରମିକ କାର୍ଡ଼, ମୃତ୍ୟୁକାଳୀନ ଭତ୍ତା, ଝିଅ ବିବାହ ଲାଗି ୪ କୋଟି ୬ ଲକ୍ଷ ୩ ହଜାର ୪୦୦ ଟଙ୍କାର ସହାୟତା ରାଶି ବଣ୍ଟନ କରିଥିଲେ। ଯୁଗ୍ମ ଶ୍ରମ ଆୟୁକ୍ତ ଅନୁଗୋଳ ପ୍ରଶାନ୍ତ ବଳିୟାରସିଂ, ତାଳଚେର ଡିଏଲଓ ଚୌଧୁରୀ ସୁବ୍ରତ କୁମାର ଜେନା, ସହକାରୀ ଶ୍ରମ ଅଧିକାରୀ ରଶ୍ମିତା ନାୟକ ପ୍ରମୁଖ ଯୋଗ ଦେଇଥିଲେ।

ସେହିପରି ଶ୍ରମମନ୍ତ୍ରୀ ପାଲଲହଡ଼ା ନିର୍ବାଚନମଣ୍ଡଳୀ ଗସ୍ତ କରି ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ମନ୍ତ୍ରୀ ସମର୍ଥକଙ୍କ ଗହଣରେ ଶଙ୍ଖପୁର ପଞ୍ଚାୟତରୁ ବିଶାଳ ପଟୁଆରରେ ଜେନାପଡ଼ା ଗ୍ରାମ ଦେଇ ଖମାର କଲେଜ ପଡ଼ିଆରେ ପହଞ୍ଚିଥିଲେ। ସେଠାରେ ଏକ ଷ୍ଟାଡିୟମର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଗ୍ରାମ ସଭାପତି ସନ୍ତୋଷ ସାହୁ, ନରେନ୍ଦ୍ର ପ୍ରଧାନ, ଦୁଃଖବନ୍ଧୁ ପ୍ରଧାନ, ଖମାର ଗ୍ରାମ ସଭାପତି କାଳନ୍ଦୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜନସମ୍ପର୍କ ପଦଯାତ୍ରାରେ ପାଲଲହଡ଼ା ବିଧାୟକ ମୁକେଶ ପାଲଙ୍କ ନେତୃତ୍ୱରେ ବିଜେଡି କର୍ମୀ ମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ଖମାର ବଜାରସ୍ଥିତ ପୁରୁଣା ହାଟପଡ଼ିଆରେ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ଯୋଗଦେଇ ନିର୍ମାଣ ଶ୍ରମିକଙ୍କୁ ପରିଚୟ ପତ୍ର ପ୍ରଦାନ, ୨୩ ମୃତ ଶ୍ରମିକଙ୍କ ପରିବାରକୁ ୨ ଲକ୍ଷ ୫ ହଜାର ଟଙ୍କା ଲେଖାଏ ଅର୍ଥରାଶି, ୧୨ଜଣଙ୍କୁ ୫୦,୦୦୦ ଟଙ୍କା ଲେଖାଏ ବିବାହ ସହାୟତା ରାଶି ପ୍ରଦାନ କରାଯାଇଥିଲା। ରାଜ୍ୟ ଯୁବ କଲ୍ୟାଣ ପରିଷଦ କାର୍ଯ୍ୟ ନିର୍ବାହୀ ଅଧ୍ୟକ୍ଷ କୁନୁବିହାରୀ ଦାସ, ପାଲଲହଡ଼ା ବ୍ଲକ ଅଧ୍ୟକ୍ଷା ରୀନାରାଣୀ ନାଏକ, କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଖମାର ସରପଞ୍ଚ ଚକାଡୋଳା ନାଏକ, ଜିଲା ପରିଷଦ ସଦସ୍ୟ ବୁଧୁରାମ ବୋଇପାଇ, ଇନ୍ଦ୍ରାଣି ହେମ୍ବ୍ରମ୍, ସମିତିସଭ୍ୟ ନୀଳମାଧବ ପ୍ରଧାନ, ରଞ୍ଜିତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ବିଜେଡି ସଭାପତି ଗଙ୍ଗାଧର ଜିତ୍ ପରିଚାଳନା କରିଥିଲେ।


ଜଣେ ମହିଳା ଶ୍ରମିକଙ୍କୁ ମନ୍ତ୍ରୀ ସହାୟତା ରାଶି ପ୍ରଦାନ କରୁଛନ୍ତି।

# ୭ ଦଫା ଦାବିରେ ବୈଠକ

**ଛେଣ୍ଡିପଦା, ୧୭।୧୦(ସ୍ୱ.ପ୍ର.)**

ଅନୁଗୋଳ ଜିଲାରେ ୪ର୍ଥ ଶ୍ରେଣୀ କର୍ମଚାରୀ ଭାବେ କାମ କରୁଥିବା ସୁଇପର, ପିଅନ ଓ ରାତ୍ର ଜଗୁଆଳି ସଂଘ ପକ୍ଷରୁ ୭ ଦଫା ଦାବିରେ ଏକ ବୈଠକ ରବିବାର ଛେଣ୍ଡିପଦା ବ୍ଲକ ରାମଚଣ୍ଡୀ ପୀଠରେ ଅନୁଷ୍ଠିତ ହୋଇଯାଇଛି।

ଅଭିଯୋଗ ଅନୁଯାୟୀ, ୧୯୫୨ରେ ସରକାର ପଞ୍ଚାୟତିରାଜ ବ୍ୟବସ୍ଥା କରିବା ପରେ ପ୍ରତି ପଞ୍ଚାୟତରେ ଜଣେ ପିଅନ, ସୁଇପର ଏବଂ ରାତ୍ର ଜଗୁଆଳି ରହିବା ବ୍ୟବସ୍ଥା କରିଛନ୍ତି। ଅଦ୍ୟାବଧି ସେମାନଙ୍କ ସରକାରୀ କର୍ମଚାରୀ ମାନ୍ୟତା ମିଳିପାରୁ ନାହିଁ। ଏ ନେଇ ବହୁବାର ଆନ୍ଦୋଳନ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ସରକାରୀ ମାନ୍ୟତା, ଚାକିରି ନିୟମିତ କରିବା, ସମାନ ଚାକିରିକୁ ସମାନ ଦରମା ଆଦି ପୂରଣ କରା ନ ଗଲେ ୪ର୍ଥ ଶ୍ରେଣୀ କର୍ମଚାରୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ସଂଘ ସଭାପତି ଅଭିମନ୍ୟୁ ଦେହୁରୀ, ସମ୍ପାଦକ ନରୋତ୍ତମ ସାହୁ, ସହ ସମ୍ପାଦକ ମାଧବ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ବିଦେଶୀ ମାହାଳିକ, ଶଙ୍କର୍ଷଣ ସୁବୁଦ୍ଧି, ବିକ୍ରମ ବିଶ୍ୱାଳ, ଭଜମନ ସାହୁ, ବୀରେନ୍ଦ୍ର ରାଉଳ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**
dklselfie@gmail.com


@ କ୍ଷୀରୋଦ


@ ରଜନୀକାନ୍ତ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଏମ୍‌ସିଏଲ୍ ସିଏମ୍‌ଡି ପୁରସ୍କୃତ



ଏମ୍‌ସିଏଲ୍ ସିଏମ୍‌ଡିଙ୍କୁ ପୁରସ୍କୃତ କରାଯାଉଛି।

**ତାଳଚେର, ୧୭।୧୦(ନି.ପ୍ର.)**

ମହାନଦୀ କୋଲଫିଲଡ୍ସ ଲିମିଟେଡ୍(ଏମ୍‌ସିଏଲ୍) ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଓ.ପି. ସିଂଙ୍କୁ ଇଣ୍ଡିଆନ ମାଇନିଂ ଆଣ୍ଡ ଇଞ୍ଜିନିୟରିଂ (ଆଇଏମ୍‌ଇ) ଜୋନାଲ ଡାଇମଣ୍ଡ ଜୁବିଲି ପୁରସ୍କାରରେ ସମ୍ମାନିତ କରାଯାଇଛି। ଗତ ରବିବାର ନୂଆଦିଲ୍ଲୀରେ ଆୟୋଜିତ ମାଇନିଂ ୟୁଥ୍ କନ୍‌କ୍ଲେଭ ସମ୍ମିଳନୀରେ ଏମ୍‌ସିଏଲ୍ ସିଏମଡି ସିଂଙ୍କୁ ଉକ୍ତ ପୁରସ୍କାର ପ୍ରଦାନ କରାଯାଇଥିଲା। ଏମ୍‌ସିଏଲରେ ନିରନ୍ତର ବିକାଶ ମାଧ୍ୟମରେ କୋଇଲା ଖନନ ପ୍ରକ୍ରିୟାକୁ ଜାରି ରଖିଥିବାରୁ ତାଙ୍କୁ ଏହି ସମ୍ମାନ ମିଳିଛି। ସମସ୍ତ କୋଇଲା କର୍ମଚାରୀଙ୍କ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଏହି ପୁରସ୍କାର ମିଳିଥିବାରୁ ସିଏମଡି ସିଂ ଏହାକୁ ସେମାନଙ୍କୁ ସମର୍ପିତ କରିଛନ୍ତି। ଏମ୍‌ସିଏଲ ଦେଶର ଏକ ପ୍ରମୁଖ କୋଇଲା ଉତ୍ପାଦନକାରୀ କମ୍ପାନୀ, ଯାହା ପରିବେଶ ଅନୁକୂଳ ସରଫେସ ମାଇନର ଟେକ୍ନୋଲୋଜି ମାଧ୍ୟମରେ ଉତ୍ପାଦିତ ମୋଟ୍ କୋଇଲାର ୯୬% ଉତ୍ପାଦନ କରିଥାଏ।

# ମେଲାଣି ନେଲେ ସିନ୍ଧୁସୁତା

**ଆଠମଲ୍ଲିକ,୧୭।୧୦(ଡି.ଏନ.ଏ.)**

### ଦୁଲ୍‌ଦୁଲିରେ ଦୁଲୁକିଲା ସହର

ଆଠମଲ୍ଲିକ ସହରର ବିଭିନ୍ନ ମଣ୍ଡପରେ ପୂଜା ପାଉଥିବା ମା' ଲକ୍ଷ୍ମୀଙ୍କୁ ରବିବାର ସନ୍ଧ୍ୟାରେ ମେଲାଣି ଦିଆଯାଇଛି। ପୂର୍ବ ନିଷ୍ପତ୍ତି ଅନୁଯାୟୀ ସମସ୍ତ ମେଢ଼ ବସ୍‌ଷ୍ଟାଣ୍ଡରେ ଏକାଠି ହୋଇଥିଲେ। ପ୍ରଥମେ ବଡ଼ଦାଣ୍ଡ ସାହି ପୂଜା କମିଟି ମେଢ଼ ପହଞ୍ଚିଥିଲା। ଏହାପରେ ରଥସାହି, ବଙ୍ଗଳା ସାହି, ରାମେଶ୍ୱର ପାଟଣା, ରୁଗୁଡ଼ିସାହି, ଚାରଘରିଆ ସାହି, ପୁରୁଣାଗଡ଼ ପୂଜା କମିଟି ମେଢ଼ ପହଞ୍ଚିଥିଲେ। ଡିଜେ ସାଉଣ୍ଡ, ଦୁଲ୍‌ଦୁଲି ବାଜାରେ ସମଗ୍ର ସହର କମ୍ପି ଉଠିଥିଲା। ଆଇନଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ ହୋଇଥିଲେ।



# ଶେଷହେଲା କଂସ ଦରବାର

### ଚୌରାଶୀ ମହାଲକ୍ଷ୍ମୀ ପୂଜା

**ମାଧପୁର,୧୭।୧୦**

ଆଠମଲ୍ଲିକ ବ୍ଲକ ମାଧପୁରଠାରେ ଚାଲିଥିବା ଚୌରାଶି ମହାଲକ୍ଷ୍ମୀ ପୂଜା ଅବସରରେ ମହାରାଜ କଂସଙ୍କ ଦରବାର କାର୍ଯ୍ୟକ୍ରମ ରବିବାର ଶେଷ ହୋଇଛି। ଏହି ଅବସରରେ ଷଷ୍ଠ ଦିନରେ ଦରବାରରେ ରାଜ ଅତିଥି ଭାବେ ଅବସରପ୍ରାପ୍ତ ହାଇସ୍କୁଲ ପ୍ରଧାନ ଶିକ୍ଷକ ପୀତାମ୍ବର ବିଶ୍ୱାଳ, ଅନ୍ୟତମ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବରାଜ ନାୟକ, ଅବସରପ୍ରାପ୍ତ ଶିକ୍ଷକ ଦେବେନ୍ଦ୍ର ପ୍ରଧାନ, ଓଡ଼ିଶା ଡ୍ରାଇଭର ମହାସଂଘ ସଭାପତି ପ୍ରଶାନ୍ତ ମେଣ୍ଡୁଲୀ ଯୋଗଦେଇଥିଲେ। ସେହିପରି ଶନିବାର ସପ୍ତମ ଦିନରେ ଦରବାରରେ ଅତିଥି ଭାବେ କୁଦଗାଁ ସରପଞ୍ଚ ସିଦ୍ଧାର୍ଥ ଶଙ୍କର କ୍ଷେତି, କମ୍ପଲା ସରପଞ୍ଚ ସୁଧୀର ସେଠୀ, ଟୁସର ସରପଞ୍ଚ ଅଶୋକ ପ୍ରଧାନ ଏବଂ ସାମାଜିକ କର୍ମୀ ଅର୍ଜୁନ ସାହୁ ଯୋଗଦେଇ ମହାରାଜ କଂସଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ସେହିପରି ରବିବାର ଅନ୍ତିମ ଦିନରେ କୃଷ୍ଣ ଓ ବଳରାମ ନଗର ପରିକ୍ରମା କରିବା ପରେ ମହାରାଜ କଂସଙ୍କ ଦରବାର ବସିଥିଲା। ରାଜଅତିଥି ଭାବେ ଦେବଗଡ଼ ବିଧାୟକ ସୁବାସ ପାଣିଗ୍ରାହୀ, ରେଙ୍ଗାଲି ବିଧାୟକ ନାଉରୀ ନାଏକ, ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ, ଅନୁଗୋଳ ଜିଲା ଭାଜପା ସଭାପତି ଡିଲେଶ୍ୱର ପ୍ରଧାନ ଯୋଗଦେଇ କଂସଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଭଗବାନ୍ ଶ୍ରୀକୃଷ୍ଣଙ୍କ ଦ୍ୱାରା କଂସ ବଧ ପରେ କାର୍ଯ୍ୟକ୍ରମ ଶେଷ ହୋଇଥିଲା। ନିତ୍ୟାନନ୍ଦ ଗଇଗରିଆ ସଂଯୋଜନା କରିଥିଲେ। ପୂଜା କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।



